## ବଜ୍ରପାତରେ ୧୬ ଛେଳି ମୃତ

କେନ୍ଦୁଝର,(ସ୍ୱ.ପ୍ର.)- କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅଧୀନ ତଳ ଚମ୍ପେଇ ପଞ୍ଚାୟତର ସାରକୁଦର ଗାଁରେ ଶୁକ୍ରବାର ବଜ୍ରାଘାତରେ ୧୬ ଛେଳିଙ୍କ ମୃତ୍ୟୁ ହୋଇଛି। ଛେଳିଗୁଡ଼ିକ ପାଖ ଜଙ୍ଗଲରେ ଚରୁଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ମରିଯାଇଥିଲେ। ତେବେ ଛେଳି ଚରାଳିଙ୍କ କୌଣସି କ୍ଷୟ କ୍ଷତି ହୋଇ ନ ଥିବା ସୂଚନା ମିଳିଛି।

# ତେଜିଲା ଆନ୍ଦୋଳନ, ଗ୍ରାମବାସୀ-ପ୍ରଶାସନ ମୁହାଁମୁହିଁ

- ମେଗା ପାନୀୟ ପ୍ରକଳ୍ପ ସ୍ଥାନାନ୍ତର ଦାବି
- ବଳ ପ୍ରୟୋଗ କରି ନ ପାରି ଫେରିଲେ ପ୍ରଶାସନିକ ଅଧିକାରୀ

ଭୋଗରାଇ,୧୮।୬(ଡି.ଏନ.ଏ.)


ପାନୀୟ ଜଳ ପ୍ରକଳ୍ପ ସ୍ଥାନରେ ଗ୍ରାମବାସୀ-ପ୍ରଶାସନିକ ଅଧିକାରୀ।

ମାଟି ହେଉଛି ପ୍ରକୃତିର ଦାନ। ଏହି ମାଟିରେ ଆମେ ବହୁ ଲହୁ ଲୁହ ଦେଇ ଜୀବନ ନିର୍ବାହ କରୁଛୁ। ଧୂ ଧୂ ବାଲିପନ୍ତାରେ ଖରାବର୍ଷାକୁ ଖାତିର ନ କରି ପାନ ବରଜ, କାଜୁ, ନଡ଼ିଆ, କୁକୁଡ଼ା ଫାର୍ମ କରି ପରିବାର ପ୍ରତିପୋଷଣ କରୁଛୁ। ଏହି ମାଟି ଆମ ଗରିବ ଗୁରୁବାଙ୍କ ଜୀବନ ଜୀବିକାକୁ ନିର୍ଦ୍ଧାରଣ କରୁଛି। ସରକାର ଜୋର ଜବରଦସ୍ତ କରି ଆମକୁ ଏଠାରୁ ଉଚ୍ଛେଦ କଲେ ମରିବୁ ପଛେ ଆମ ଭିଟାମାଟି ଛାଡ଼ିବୁ ନାହିଁ ବୋଲି ପ୍ରଶାସନକୁ ରଣ ହୁଙ୍କାର ଦେଇଛନ୍ତି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଅଭୟମହଲର ଗ୍ରାମବାସୀ।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ପ୍ରସ୍ତାବିତ ୨୧୨ କୋଟିର ଦ୍ୱିତୀୟ ମେଗା ପାନୀୟଜଳ ପ୍ରକଳ୍ପ ନିମନ୍ତେ ପ୍ରଶାସନ ପକ୍ଷରୁ ଗତ ୨୯।୧୦।୨୧ରେ ରାଜସ୍ୱ ବିଭାଗ ଓ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ବେଳେ ଗ୍ରାମବାସୀଙ୍କ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ପରବର୍ତ୍ତୀ ସମୟରେ ଲଗାତର ଭାବେ ସେଠାରେ ପାନୀୟ ଜଳ ପ୍ରକଳ୍ପ ସ୍ଥାନାନ୍ତର ଦାବିରେ ଦିବାରାତ୍ର ଗ୍ରାମବାସୀମାନଙ୍କ ପକ୍ଷରୁ ଆନ୍ଦୋଳନକୁ ତେଜିୟାନ କରାଯାଇଥିଲା। ଗ୍ରାମବାସୀଙ୍କ ମେଳି ଓ ଉତ୍ତେଜନାକୁ ଲକ୍ଷ୍ୟ ରଖି ପ୍ରଶାସନ ସହିତ ପାନୀୟ ଜଳ ପ୍ରକଳ୍ପ କମ୍ପାନୀ ଜାଗା ଅଧିଗ୍ରହଣ ପାଇଁ ସାହସ କରିପାରି ନ ଥିଲେ। ଦୀର୍ଘ ୮ମାସ ନୀରବତା ପରେ ହଠାତ୍ ଗତ ଶୁକ୍ରବାର ସନ୍ଧ୍ୟାରେ ଭୋଗରାଇ ତହସିଲଦାର, ପାନୀୟଜଳ ପ୍ରକଳ୍ପ କମ୍ପାନୀର ଅଧିକାରୀ ସହିତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ପ୍ରକଳ୍ପ ପାଇଁ ମାଟି ପରୀକ୍ଷା କରୁଥିବା ବେଳେ ଶତାଧିକ ଗ୍ରାମବାସୀ ଉପସ୍ଥିତ ହୋଇ ପ୍ରତିବାଦ କରିଥିଲେ। ଗ୍ରାମବାସୀଙ୍କ ସହିତ ପ୍ରଶାସନର କଥା କଟାକଟି ହେବାରୁ ସ୍ଥିତି କ୍ରମଶଃ ଜଟିଳ ହୋଇ ପଡ଼ିଥିଲା। ଦୀର୍ଘ ସମୟ ଏଭଳି ସ୍ଥିତି ଲାଗିବାରୁ ଆନ୍ଦୋଳନକାରୀ ଗ୍ରାମବାସୀମାନେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ। ପୋଲିସ ଲାଠି ଧରି ପ୍ରସ୍ତୁତ ହେଉଥିବା ବେଳେ ଗ୍ରାମବାସୀମାନେ ମଧ୍ୟ ପ୍ରସ୍ତୁତ ରହିଥିବାର ନଜରକୁ ଆସିଥିଲା। ପରିସ୍ଥିତିକୁ ଉପଲବ୍ଧି କରି ପ୍ରଶାସନ ସେଠାରୁ ଫେରିବାକୁ ବାଧ୍ୟ ହୋଇଥିଲା। ଶନିବାର ପୂର୍ବାହ୍ନରେ ପ୍ରକଳ୍ପ ସ୍ଥାନରୁ ଗ୍ରାମବାସୀଙ୍କ ପକ୍ଷରୁ ପୁଣି ଦିବାରାତ୍ର ଅନଶନ ଚାଲୁ ରହିଥିବାର ସୂଚନା ମିଳିଛି।

## ସଂକ୍ଷେପରେ

### ମହିଳା ଗ୍ରୁପ୍ ସଦସ୍ୟାଙ୍କୁ ଅସଦାଚରଣ
#### ଫାଇନାନ୍ସ କର୍ମଚାରୀଙ୍କୁ ମାଡ଼

ସୋର,୧୮।୬(ଡି.ଏନ୍.ଏ): ସୋର ପୌରପରିଷଦ ଅଞ୍ଚଳର ଜଣ ମହିଳା ଗ୍ରୁପ୍ ସଦସ୍ୟାଙ୍କୁ ଏକ ଘରୋଇ ଫାଇନାନ୍ସ ସଂସ୍ଥାର କର୍ମଚାରୀ ଅସଦାଚରଣ କରିଥିବା ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ଲୋକେ ଉକ୍ତ କର୍ମଚାରୀଙ୍କୁ ନିସ୍ତୁକ ମାଡ଼ମାରି ଛାଡ଼ିଦେଇଥିବା ଜଣାପଡ଼ିଛି। ମହିଳା ଜଣକ ଘରେ ଏକୁଟିଆ ଥିବା ଦେଖି ଫାଇନାନ୍ସ କର୍ମଚାରୀ ତାଙ୍କୁ ଅସଦାଚରଣ କରି ପଳାଇ ଯାଇଥିଲେ। କିଛି ସମୟ ପରେ ସେ ପୁଣି ଭୁଲମାଗିବା ବାହାନାରେ ଆସିଥିବା ବେଳେ ଅନ୍ୟ ମହିଳା ସଦସ୍ୟମାନେ ଏକତ୍ର ହୋଇ ତାଙ୍କୁ ନିର୍ଘୁମ ପିଟିବା ସହିତ ଅଟକ ରଖିଥିଲେ। ଫାଇନାନ ସଂସ୍ଥାର ଶାଖା ପରିଚାଳକ ପହଞ୍ଚି ଘଟଣାର ସମାଧାନ କରିବା ସହିତ ଲିଖିତ ଭାବେ ଦେବା ପରେ ଉଭୟଙ୍କୁ ଛାଡ଼ି ଦିଆଯାଇଥିଲା।

### ଯାଜପୁରରୋଡ୍ ଗାଡ଼ି ଖଇରାରୁ ଉଦ୍ଧାର

ଖଇରା,୧୮।୬(ଡି.ଏନ.ଏ.)- ଯାଜପୁରରୋଡ୍‌ରୁ ଚୋରି ହୋଇଥିବା ବୋଲେରୋ ଖଇରାରୁ ଉଦ୍ଧାର କରାଯାଇଛି। ଯାଜପୁରରୋଡ୍‌ସ୍ଥିତ ଶଙ୍ଖଚିଲ ଗ୍ରାମର କନକଲତା ସାହୁଙ୍କର ଏକ ବୋଲେରୋକୁ କେତେକ ଦୁର୍ବୃତ୍ତ ଚୋରାଇ ନେଇଥିଲେ। ଗାଡ଼ି ଡ୍ରାଇଭର ଦିଲୀପ ସାହୁ ବିଭିନ୍ନ ଡ୍ରାଇଭର ମହାସଂଘକୁ ଜଣାଇବା ପରେ ଖଇରା ଡ୍ରାଇଭର ମହାସଂଘ ଖଇରାରେ ଗାଡ଼ି ଥିବା ନେଇ ସୂଚନା ଦେଇଥିଲେ। ଗାଡ଼ି କୁପାରୀ କେନାଲ ବନ୍ଧରେ ଜଣେ ନିକଟସ୍ଥ କବାଡ଼ିଆକୁ ବିକ୍ରି ପାଇଁ ମୂଲଚାଲ ଚାଲିଥିବା ବେଳେ ଖଇରା ପୋଲିସ ସହାୟତାରେ ଉଦ୍ଧାର କରାଯାଇ ଯାଜପୁର ନିଆଯାଇଛି। ଏଥିସହ ଚୋରି ସହ ସମ୍ପୃକ୍ତ ଥିବା ମରେଇଗାଁ ଅଞ୍ଚଳର ଅରବିନ୍ଦ ଓଝାଙ୍କୁ ଗିରଫ କରାଯାଇଛି।

### ଗଛ ପଡ଼ି ଅଗ୍ନିଶମ କର୍ମଚାରୀ ମୃତ

ବାରିପଦା ଅଫିସ,୧୮।୬-ମୟୂରଭଞ୍ଜ ଜିଲା ବାରିପଦା ବିଜୁ ପଟ୍ଟନାୟକ ପାର୍କ ନିକଟରେ ବେଲଗଡ଼ିଆସ୍ଥିତ ଅଗ୍ନିଶମ ସେବାକେନ୍ଦ୍ରର କର୍ମଚାରୀ ବ୍ରଜକିଶୋର ମହାନ୍ତିଙ୍କ ଉପରେ ଗଛ ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ବ୍ରଜକିଶୋର ଓ ଜଣେ ସହ କର୍ମଚାରୀ ଏକ ସ୍କୁଟିରେ ଯାଉଥିବା ବେଳେ ଏକ ଗଛ ସେମାନଙ୍କ ଉପରେ ଉପୁଡ଼ି ପଡ଼ିଥିଲା। ଦମକଳ ବାହିନୀ ପହଞ୍ଚି ଗଛକୁ କାଟି ସେମାନଙ୍କୁ ଉଦ୍ଧାର କରିଥିଲା। ଗୁରୁତର ବ୍ରଜକିଶୋରଙ୍କୁ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ବିଳମ୍ବିତ ରାତିରେ ବାଟରେ ତାଙ୍କର ମୃତ୍ୟୁ ଘଟିବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଘର ବାଲେଶ୍ୱର ଜିଲା କଲିପୁର ଗ୍ରାମରେ। ଶନିବାର କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅଗ୍ନିଶମ ସେବା ସଂସ୍ଥାର ମହାନିର୍ଦ୍ଦେଶକ ସନ୍ତୋଷ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ କର୍ମଚାରୀମାନେ ନୀରବ ପ୍ରାର୍ଥନା କରିଛନ୍ତି। ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ଶୋକସନ୍ତପ୍ତ ପରିବାରକୁ ତୁରନ୍ତ ୫୦ହଜାର ଟଙ୍କା ସହ ୩ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରିବାକୁ ମହାନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି।

## ନାବାଳିକା ବଳାତ୍କାର ମାମଲା: ୧୦ବର୍ଷ ସଶ୍ରମ କାରାଦଣ୍ଡ

ବାରିପଦା ଅଫିସ,୧୮।୬

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ମାମଲାର ବିଚାର କରି ଦୋଷୀ ସୁକୁରା ସିଂ(୪୦)ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୩ ହଜାର ଟଙ୍କା ଜରିମାନା ଶୁଣାଣି କରିଛନ୍ତି। ଜରିମାନା ଅନାଦାୟ ଅଧିକ ୪ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା ଆଇନ ସହାୟତା କର୍ତ୍ତୃପକ୍ଷ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୫ ଜୁନ ୨୭ରେ ଝାରପୋଖରିଆ ଥାନା ଅଞ୍ଚଳର ଉକ୍ତ ନାବାଳିକା ଘରେ ଥିବା ସମୟରେ ସୁକୁରା ଜୋରଜବରଦସ୍ତ ତାଙ୍କୁ ନିକଟସ୍ଥ ଜିଆଣିବନ୍ଧକୁ ନେଇଯାଇ ସେଠାରେ ବଳାତ୍କାର କରିଥିଲେ। ଏନେଇ ୩୦ତାରିଖରେ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୮୭/୧୫) ରୁଜୁ କରିଥିଲା। ନାବାଳିକାଙ୍କ ଡାକ୍ତରୀମାଇନା ସହ ବୟାନ ସଂଗ୍ରହ କରିଥିଲା ପୋଲିସ। ଦୁଇଦିନ ପରେ ଅଭିଯୁକ୍ତଙ୍କୁ ଗିରଫ କରି ଡାକ୍ତରୀମାଇନା ପରେ କୋର୍ଟ ଚାଲାଣ କରିଥିଲା। ସେହିଦିନଠାରୁ ଅଭିଯୁକ୍ତ ସୁକୁରା ବିଚାର ବିଭାଗୀୟ ହାଜତରେ ଥିଲେ। ୧୬ଜଣ ସାକ୍ଷୀଙ୍କ ବୟାନ, ପୋଲିସର ତଦନ୍ତ ଓ ଡାକ୍ତରୀ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ।

## ଜୁନିୟରରେ ମାନ୍ୟତା, ସିନିୟରରେ ପ୍ରିୟଙ୍କା ରଜକୁଇନ୍


ଅତିଥିଙ୍କ ଗହଣରେ ଟ୍ରଫି ସହ ରଜ କୁଇନ୍ ଓ ଅନ୍ୟ କୃତୀ ପ୍ରତିଯୋଗୀ।

ଖଇରା,୧୮।୬(ଡି.ଏନ.ଏ.)

### ସୁନ୍ଦରପୁର ରଜ ମହୋତ୍ସବ ଶେଷ

ବାଲେଶ୍ୱର ଜିଲା ଖଇରା ବ୍ଲକ ସୁନ୍ଦରପୁର ହାଇସ୍କୁଲ ପଡ଼ିଆରେ ଚାଲିଥିବା ବ୍ଲକସ୍ତରୀୟ ରଜ ମହୋତ୍ସବ ଏବଂ ରଜକୁଇନ ପ୍ରତିଯୋଗିତା ଗୁରୁବାର ସନ୍ଧ୍ୟାରେ ସଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି । ରଜ ମହୋତ୍ସବ କମିଟି ସଭାପତି ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଡ. ଭଗବାନ ବେହେରା ମୁଖ୍ୟବକ୍ତା ଓ ସୁରେନ୍ଦ୍ର ପ୍ରସାଦ ସାହୁ, ପଣ୍ଡିତ କରୁଣାକର ପାଣି, ସୌଭାଗ୍ୟ ସାହୁ, ବୁଦ୍ଧିରାମ ପାଣିଗ୍ରାହୀ, ପ୍ରାଧ୍ୟାପକ ଅଭୟ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ବସନ୍ତ ପାଢୀ ବିବରଣୀ ପାଠ କରିଥିଲେ। ଚଳିତବର୍ଷ ରଜ କୁଇନ ଭାବେ ଜୁନିୟରରେ ମାନ୍ୟତା ମଣ୍ଡଳ ଓ ସିନିୟରରେ ପ୍ରିୟଙ୍କା ପ୍ରିୟଦର୍ଶନୀ ହାତୀଙ୍କୁ ଘୋଷଣା କରାଯିବା ସହ ମାନପତ୍ର, ଟ୍ରଫି ଓ ୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ସେହିଭଳି ଜୁନିୟରରେ ରନର୍ସ ଅପ ଭାବେ ପ୍ରତିମା ହାତୀ, ପ୍ରଜ୍ଞାସିନୀ ନାୟକ ଓ ଅଞ୍ଜଳି ନାୟକ ଏବଂ ସିନିୟରରେ ବିଦ୍ଧଶ୍ରୀ ନାୟକ, ଅମ୍ରିତା ସ ଓ ସୋଫିଆ ନାୟକଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଯାତ୍ରା କମେଡିଆନ ନରହରି ପଣ୍ଡା ଓରଫ୍ ଡାଙ୍ଗ ଏବଂ ଖଳନାୟକ ଦୈତାରୀ ପଣ୍ଡା ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ପରିଚୟ ମସଲା ତରଫରୁ ସମସ୍ତ ଟ୍ରଫି ଓ ଶ୍ରୀମନ୍ଦିର ଲୁଗା ଦୋକାନ ପକ୍ଷରୁ ଅର୍ଥ ପ୍ରଦାନରେ ସହଯୋଗ କରିଥିଲେ । ବିମଳେନ୍ଦୁ ଜେନା, ପ୍ରଶାନ୍ତ କୁମାର ଦାସ, ଡା ହରେକୃଷ୍ଣ ରାଉତ, ବିମନ ବାରିକ, ଚନ୍ଦ୍ରକାନ୍ତ କୁଅଁର, ପ୍ରହ୍ଲାଦ ରାୟ, ଜୟନ୍ତ ବେହେରା, ଶଶିକାନ୍ତ ଦାସ, ସୁଲୋଚନା ଭୋଳ, ନୃସିଂହ ପାଣି, ପ୍ରଭାତ ନାୟକ, ସୁକାନ୍ତ ଜେନା, ସୁରେନ୍ଦ୍ର ସାହୁ, ଲକ୍ଷ୍ମୀଧର ବେହେରା, ବିରଞ୍ଚି ନାରାୟଣ ପଣ୍ଡା ତଥା ମା' ତାରିଣୀ ୟୁଥ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ବାହାନଗା, ୧୮।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ଥାନା ପଣପଣା ପଞ୍ଚାୟତ ୧୬ନଂ. ଜାତୀୟ ରାଜପଥ ନିଗୁଣ୍ଡୁଦା ଗ୍ରାମ ନିକଟରେ ରାସ୍ତାରେ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ଜଣେ ଗୁରୁତର ହୋଇଛନ୍ତି। ନୀଳଗିରି ଥାନା ଚଷାଖଣ୍ଡ ଅଞ୍ଚଳର ରାକେଶ ଜେନା (୪୫) ଓ ଖନ୍ତାପଡା ଥାନା ରାଇମ ଅଞ୍ଚଳର ଗୋଶନ ଖାଁ ଗତକାଲି ବିଳମ୍ବିତ ରାତିରେ ଗୁଣ୍ଡୁଦା ନିକଟରେ ଛିଡା ହୋଇଥିବା ବେଳେ ଏକ ଅଜଣା ଟ୍ରକ୍ ଧକ୍କା ଦେଇଥିଲା। ଏଥିରେ ସେମାନେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରେ ରାକେଶଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଚିକିତ୍ସାଧୀନ ଅଛନ୍ତି। ଖନ୍ତାପଡା ଥାନା ଏଏସ୍‌ଆଇ ରତିକାନ୍ତ ଦାସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୁଆମରା,୧୮।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୫୧୨ଜଣଙ୍କୁ ପଞ୍ଜୀକୃତ କରାଯାଇଥିଲା। ଚିହ୍ନଟ କରାଯାଇଥିବା ଦିବ୍ୟାଙ୍ଗମାନଙ୍କୁ ପଞ୍ଜୀକୃତ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବିଭିନ୍ନ ବିଭାଗର ମୋଟ ୧୧ ଷ୍ଟଲ ଖୋଲାଯାଇଥିଲା। ଅଧ୍ୟକ୍ଷା ଝୁଲଣ ବାରସାଳିଆ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ବିଡିଓ ସଂଗ୍ରାମ କେଶରୀ ଭୋଳ, ଉପାଧ୍ୟକ୍ଷା ରଶ୍ମିତା ଚୌଧୁରୀପ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## 'ସେବା ଓ ଭଲପାଇବା ଦ୍ୱାରା ସ୍ୱର୍ଗସୁଖ ମିଳେ'


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସମେତ ଅନ୍ୟ ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

ଭଦ୍ରକ ଅଫିସ, ୧୮।୬

ଭଦ୍ରକ ରୋଟାରି କ୍ଲବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ସାନ୍ଧ୍ୟ ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ସେବା ଓ ଭଲପାଇବା ଦ୍ୱାରା ସ୍ୱର୍ଗସୁଖ ମିଳେ। ଏହାକୁ ଆପଣେଇ ଏ ମର୍ତ୍ତ୍ୟକୁ ଆମେ ସ୍ୱର୍ଗରେ ପରିଣତ କରିପାରିବା ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟପାଳ ପହଞ୍ଚିବା ପରେ ଜିଲାପାଳ ତ୍ରିଲୋଚନ ମାଝି ଓ ଏସ୍‌ପି ଚରଣ ସିଂ ମୀନା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପୋଲିସ ବାହିନୀ ଦ୍ୱାରା ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

ଅନ୍ୟତମ ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ କହିଥିଲେ, ସେବା କ୍ଷେତ୍ରରେ ରୋଟାରି କ୍ଲବର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି କ୍ଲବର ସଦସ୍ୟା ହୋଇଥିବାରୁ ଗର୍ବ ଅନୁଭବ କରୁଛି। ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଏବଂ ପ୍ରାକ୍ତନ ଜିଲା ଗଭର୍ଣ୍ଣର ରୋଟାରିଆନ ଅଜୟ ଅଗ୍ରୱାଲ, ସୁବର୍ଣ୍ଣ ଜୟନ୍ତୀ କମିଟି ଅଧ୍ୟକ୍ଷ ରୋଟାରିଆନ ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ରୋଟାରି କ୍ଲବ ସଭାପତି ରୋଟାରିଆନ ବସନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ କ୍ଲବର ୫୦ବର୍ଷର ସେବାମୂଳକ ଘଟଣାବହୁଳ ଯାତ୍ରାପଥ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା 'ସୁବର୍ଣ୍ଣା ଭଦ୍ରା' ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ରୋଟାରିଆନ ଅଭିଜିତ୍ ନାୟକ ମଞ୍ଚ ପରିଚାଳନା କରିଥିଲେ। ଶିଶିର କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ବରିଷ୍ଠ ରୋଟାରିଆନ ସଦସ୍ୟମାନଙ୍କୁ ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମରଣିକା ସମ୍ପାଦକ ରୋଟାରିଆନ ଗୟାଧର ପଣ୍ଡା ଏବଂ ଅନ୍ୟ ରୋଟାରିଆନମାନେ ସହଯୋଗ କରିଥିଲେ।

## ସହଜରେ ସେବା ପାଇବେ ବିଦ୍ୟୁତ୍ ଉପଭୋକ୍ତା

ଚମ୍ପୁଆ ୧୮।୬(ଡି.ଏନ.ଏ.)

ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସହଜ ଓ ତୁରନ୍ତ ସେବା ଯୋଗାଇବା ଲକ୍ଷ୍ୟରେ ଚମ୍ପୁଆ ବିଦ୍ୟୁତ୍ ବିଭାଗ ପକ୍ଷରୁ ଟୋଲ୍ ଫ୍ରି ନଂ ଜାରି କରାଯାଇଛି। ଅନେକ ସମୟରେ ବିଦ୍ୟୁତଜନିତ ବିଭିନ୍ନ ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ ଯୋଗେ ସୂଚନା ଦିଆଯାଉଥିବା ବେଳେ ବର୍ତ୍ତମାନ ବିଭାଗ ପକ୍ଷରୁ ତୁରନ୍ତ ସେବା ଯୋଗାଇବା ଲକ୍ଷ୍ୟରେ ଏହି ଟୋଲ୍ ଫ୍ରି ନମ୍ବର ଜାରି କରାଯାଇଛି। ସହରାଞ୍ଚଳରେ ଏହା ୨୪ ଘଣ୍ଟିଆ ସେବା ଯୋଗାଇବାର ବ୍ୟବସ୍ଥା କରାଯାଇଥିବା ବେଳେ ଗ୍ରାମାଞ୍ଚଳରେ ସକାଳୁ ରାତି ୧୦ ଘଟିକା ପର୍ଯ୍ୟନ୍ତ ଟୋଲ୍ ଫ୍ରି ନମ୍ବର ଜାରି କରାଯାଇଛି। ଅଭିଯୋଗ ପ୍ରତି ତୁରନ୍ତ ଧ୍ୟାନ ଦିଆଯିବ ବୋଲି ଚମ୍ପୁଆ ବିଦ୍ୟୁତ୍ ବିଭାଗ ଅଧିକାରୀ ନାରାୟଣ ବେହେରା ସୂଚନା ଦେଇଛନ୍ତି।

## ଲକ୍ଷାଧିକ ଟଙ୍କାର ଶାଳଗଣ୍ଡି ଜବତ

ପାଟଣା, ୧୮।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅନ୍ତର୍ଗତ ପୋଇପାଣି ବିଟ୍ ଭଣ୍ଡାରୀ ପଶିରୁ ଶୁକ୍ରବାର ରାତିରେ ୪ ଶାଳ ଗଣ୍ଡି ଓ ମଲ୍ଲୀପଶି ବିଟ୍ ଘୁଣ୍ଟିଝରି ଗ୍ରାମରୁ ୬ ଖଣ୍ଡ ଶାଳଗଣ୍ଡିକୁ ବନ ବିଭାଗ ଜବତ କରିଛି। ଅନ୍ଧାରର ସୁଯୋଗ ନେଇ କାଠ ମାଫିଆ ମାନେ ଫେରାର ହୋଇଯିବାକୁ ସଫଳ ହୋଇଥିଲେ। ଜବତ କାଠ ଗଣ୍ଡି ଗୁଡିକର ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ରେଞ୍ଜର ଟିକେଶ୍ୱର ମହାନ୍ତ କହିଛନ୍ତି। ଏହି ଚଢ଼ାଉରେ ପାଟଣା ବନପାଳ ଚିତ୍ତରଞ୍ଜନ ପରିଡା, ପାରାଷ୍ଟାଫ୍ କର୍ମଚାରୀ ତ୍ରିଲୋଚନ ମହାନ୍ତ, ଏମ୍‌ଡି ୱାସିମ, ଅଟଳ ବିହାରୀ ସେଠୀ, ସଞ୍ଜୟ ମହାନ୍ତ ଓ ଉମେଶ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

## ପରିବେଶ ସୁରକ୍ଷା ଲାଗି ସଚେତନ କଲେ କୁନି କୁନି ପିଲା

ବାଲେଶ୍ୱର ଅଫିସ, ୧୮।୬

### 'ଗଛ ଲଗାଅ ଓ ଗଛ ବଞ୍ଚାଅ' ଅଭିଯାନ

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଗୋଡ଼ିଶୂଳ ଗ୍ରାମର କିଛି ପିଲା ମିଳିତ ଭାବେ ସ୍ୱର୍ଗଲାଭର ସହଜ ଉପାୟ 'ଗଛ ଲଗାଅ ଓ ଗଛ ବଞ୍ଚାଅ' ଅଭିଯାନ ନାମରେ ଏକ ବ୍ୟାନର ଲଗାଇ ଗାଁ ସାରା ବୁଲି ବୁଲି ସଚେତନ କରିଛନ୍ତି। ଏହାସହ ପୂର୍ବରୁ ସଂଗ୍ରହ କରାଯାଇଥିବା ବିଭିନ୍ନ ପ୍ରକାରର ଗଛର ମଞ୍ଜିକୁ ମଶାଣି ପଡ଼ିଆରେ ଲଗାଇଥିଲେ। ପରିବେଶ ସୁରକ୍ଷା ଲାଗି ପିଲାମାନଙ୍କ ଏଭଳି ଅଭିନବ ପ୍ରୟାସକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି। ରଜ ପର୍ବ ପରେ ଆଗକୁ ଆସିବ ବର୍ଷା ଦିନ। ଭିଜିବ ଭୂମି ଓ ଗଜୁରିବ ବୀଜ। ଛୋଟ ଚାରାଟିଏ ହେବ ବଡ଼ ଦ୍ରୁମ। ପ୍ରଚୁର ଅମ୍ଳଜାନ ସହିତ ଫଳ, ଫୁଲ, ଛାଇ ଆମକୁ ଅଜାଡି ଦେବ। ଏଭଳି ବିଚାର ସହିତ ଟିକି ଟିକି ପିଲାଙ୍କ ମନରେ ବିଚାର ନେଇ ବିଭିନ୍ନ ପ୍ରକାରର ଫଳ ମଞ୍ଜି ସବୁ ସାଉଁଟି ରଖିଥିଲେ। ନିଷ୍ପତ୍ତି କରିଥିଲେ ରଜ ପରେ ବିଭିନ୍ନ ସ୍ଥାନରେ ପକାଇବେ। ପିଲାମାନେ ଜାମୁ, ଲିଚୁ, ଖଜୁରୀ, ତେନ୍ତୁଳି, ପାଗଡ଼ା, ନିମ, କରଞ୍ଜ, ଟୋଲ ମଞ୍ଜି ସମେତ ଆମ୍ବ ଟାକୁଆ ଆଦି ସଂଗ୍ରହ କରିଥିଲେ। ନିଷ୍ପତ୍ତି ଅନୁସାରେ ଶୁକ୍ରବାର ଉକ୍ତ ବ୍ୟାନର ଧରି ଗ୍ରାମ ପରିକ୍ରମା କରିବା ପରେ ମଶାଣି ପଡ଼ିଆର ୪ ପାଖରେ ମଞ୍ଜିତକ ବୁଣି ଦେଇଛନ୍ତି। ଅନ୍ୟପକ୍ଷରେ ସମସ୍ତେ ପ୍ରତିବର୍ଷ ଗୋଟିଏ ଗଛ ଲଗାଇ ତାକୁ ବଡ଼ କରିବାର ପ୍ରତିଜ୍ଞା ମଧ୍ୟ କରିଛନ୍ତି। ଏହି ଅଭିଯାନରେ ଅଜିତ, ଅନିତା, ଦୀପକ, ସୁମିତ, ପ୍ରମୋଦ, ଚିନ୍ମୟ, ଗୌରବ, ଅମିତ, ମିଥୁନ, ବର୍ଷା, ସସ୍ମିତା, ପଙ୍କଜିନି, ସୁଭଦ୍ରା, ଶୁଭଙ୍କର, ସ୍ୱାଧୀନ, ଦିନେଶ, ନିତେଶ ଓ ରାକେଶ ପ୍ରମୁଖ ସାମିଲ୍ ଥିଲେ।



ସଚେତନତାର ବ୍ୟାନର ଧରି କୁନି କୁନି ପିଲାଙ୍କ ଗାଁ ପରିକ୍ରମା।

## ଅଧିକାରୀ ରହୁ ନ ଥିବାରୁ ଲୋକେ ହଇରାଣ

ପାଟଣା,୧୮।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସାହାରପଡା ମୁଖ୍ୟାଳୟକୁ ସରକାରୀ କାର୍ଯ୍ୟରେ ବିଭିନ୍ନ ସରକାରଙ୍କ ଜନ ମଙ୍ଗଳ ଯୋଜନାରେ ଲୋକେ ବ୍ଲକ ମୁଖ୍ୟାଳୟକୁ ଦୂରଦୂରାନ୍ତରୁ ଆସି କର୍ମଚାରୀଙ୍କୁ ନ ପାଇ କାର୍ଯ୍ୟ କରି ନ ପାରି ନିରାଶ ହୋଇ ଫେରୁଛନ୍ତି। ଡିଏମ୍‌ଏଫ୍ ଫଣ୍ଡରୁ ନିଯୁକ୍ତ ଡାକ୍ତର, ବିଦ୍ୟୁତ୍ ବିଭାଗର କେତେକ ଯନ୍ତ୍ରୀ ଓ ଅମଲାମାନେ ଭୁବନେଶ୍ୱର, କେନ୍ଦୁଝର ଓ କରଞ୍ଜିଆରେ ଅବସ୍ଥାନ କରୁଥିବାରୁ ସରକାରୀ କାର୍ଯ୍ୟାଳୟକୁ ବିଳମ୍ବରେ ପହଞ୍ଚୁଛନ୍ତି ତ କଉଦିନ ବିଭିନ୍ନ ବାହାନା ଦେଖାଇ ବିନା ଛୁଟିରେ ଘରେ ରହୁଛନ୍ତି। ସରକାରୀ କାର୍ଯ୍ୟରେ ବାଧା ଉପୁଜୁଥିବା ସହ ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କୁ ଗୋଟେ ଗୋଟେ କାମ ପାଇଁ ମାସ ମାସ ଧରି ମୁଖ୍ୟାଳୟ କାର୍ଯ୍ୟାଳୟକୁ ଦୌଡୁଥିବା ଦେଖିବାକୁ ମିଳୁଛି। ହାତ ଗୁଞ୍ଜା ନ ନେଲେ କୌଣସି କାର୍ଯ୍ୟ ହେଉନି ବୋଲି ହିତାଧିକାରୀମାନେ ଅଭିଯୋଗ କରୁଛନ୍ତି। କେନ୍ଦୁଝର ଜିଲାପାଳ ଆଶିଷ ଠାକରେ ଓ ପାଟଣା ବିଧାୟକ ଜଗନ୍ନାଥ ନାଏକ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଧାମରା ବନ୍ଦର ଆଗରେ ଜନସମାବେଶ

### ଜିଲାର ଯୁବକମାନଙ୍କୁ ନିଯୁକ୍ତି ମିଳୁ ନ ଥିବା ଅଭିଯୋଗ କଲା କଂଗ୍ରେସ


ସମାବେଶରେ ଜଟଣୀ ବିଧାୟକ ସୁର ରାଉତରାୟଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଓ ଅନ୍ୟମାନେ।

ଚାନ୍ଦବାଲି, ୧୮।୬ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମରା ବନ୍ଦର କମ୍ପାନୀର ମନମୁଖୀ ଶାସନ ଅଭିଯୋଗ କରି ଜାତୀୟ କଂଗ୍ରେସର ଚାନ୍ଦବାଲି ବ୍ଲକ ଶାଖା ପକ୍ଷରୁ ଶନିବାର ଫାଟକ ଆଗରେ ବିଶାଳ ଜନସମାବେଶ କରାଯାଇଥିଲା। ଜଟଣୀ ବିଧାୟକ ସୁର ରାଉତରାୟ, ପୂର୍ବତନ ବିଧାୟକ ଅନନ୍ତ ସେଠୀ, ପିସିସି ମୁଖପାତ୍ର ଗଣେଶ୍ୱର ବେହେରା, ଜିଲା ସଭାପତି ସୁବ୍ରତ ଦାସ, ଦିଗମ୍ବର ଦାସ, ଶୁଭେନ୍ଦୁ ରାୟ ମହାପାତ୍ର, ପିସିସି ପୂର୍ବତନ ସମ୍ପାଦକ ସତ୍ୟାନନ୍ଦ ରାଉତ, ପୂର୍ବତନ ଜିଲା ସଭାପତି ଅଶୋକ ଦାସ, ନଳିନୀ ମହାନ୍ତି, ଅମୀୟ ମହାପାତ୍ର, ମଧୁମିତା ସେଠୀ, ମନୋଜ ବିଶ୍ୱାଳ, ଏନ୍‌ଏସ୍‌ୟୁଆଇର ରାଜ୍ୟ ସଭାପତି ୟାସିର ନୱାଜ, ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ବଳରାମ ରାଉତ ପ୍ରମୁଖ ନେତୃବୃନ୍ଦ ଏହି ସମାବେଶରେ ଯୋଗ ଦେଇଥିଲେ। ଧାମରା କମ୍ପାନୀରେ ଭଦ୍ରକ ଜିଲାର ଯୁବକମାନଙ୍କୁ ନିଯୁକ୍ତି ମିଳିବ ବୋଲି ସ୍ୱପ୍ନ ଦେଖିଥିଲେ। କମ୍ପାନୀ ଜିଲାର ଯୁବକମାନଙ୍କୁ ନିଯୁକ୍ତି ଦେବା ଦୂରର କଥା ବାହାର ରାଜ୍ୟରୁ ଅଣଓଡ଼ିଆ ଶ୍ରମିକମାନଙ୍କୁ ନିଯୁକ୍ତି ଦେଇ ଓଡ଼ିଆ ଶ୍ରମିକମାନଙ୍କୁ ବାହାର କରିଦେଉଥିବା ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦ କରିବା ସହ ୧୫ ଦଫା ଦାବି ନେଇ କଂଗ୍ରେସ ପକ୍ଷରୁ ଏହି ସମାବେଶ କରାଯାଇଥିଲା।

## ବଜ୍ରପାତରେ ୧୩ ଗୋରୁ ମୃତ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ତହସିଲ ଓ ପାଟଣା ତହସିଲ ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବଜ୍ରପାତ ସହ ବର୍ଷା ହୋଇଛି। ପୃଥକ ଘଟଣାରେ ଶନିବାର ବଜ୍ରପାତରେ ମୋଟ ୧୩ଟି ଗୋରୁଙ୍କର ମୃତ୍ୟୁ ଘଟିଛି। ଖବରପାଇ ଆରଆଇ ଶରତ ଚନ୍ଦ୍ର ନାଏକ ଏବଂ ବସନ୍ତ କୁମାର ପହଞ୍ଚି ସ୍ଥିତି ଅନୁଧ୍ୟାନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ଚାଷ କାମ ଆରମ୍ଭ ହୋଇଥିବାରୁ ଏହି ଗରିବ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## ସଂକ୍ଷେପରେ

### ଗୋରୁ ବୋଝେଇ କଣ୍ଟେନର ଜବତ

ବାହାନଗା,୧୮।୬(ଡି.ଏନ.ଏ.)- ୧୬ନଂ. ଜାତୀୟ ରାଜପଥ ଉପରେ ପ୍ରତ୍ୟେକ ଦିନ ବେଆଇନ୍ ଭାବେ ଶହଶହ ଗୋରୁ ପଶ୍ଚିମବଙ୍ଗ ସମେତ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ତେବେ ଶନିବାର ଭୋର ସମୟରେ ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ଶେରଗଡ଼ ଟୋଲଗେଟ ନିକଟରୁ ପୋଲିସ୍ ଗୋଟିଏ କଣ୍ଟେନର ସହିତ ତା'ଭିତରେ ଥିବା ୭୧ଗୋରୁ ଜବତ କରିଛି। ଏହି ଘଟଣାରେ କଣ୍ଟେନର ଡ୍ରାଇଭର ବଳରାମ ସାହୁଙ୍କୁ ଗିରଫ କରାଯାଇଛି। ଏନେଇ ଖନ୍ତାପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି। ଖୋର୍ଦ୍ଧା ଅଞ୍ଚଳରୁ ପଶ୍ଚିମବଙ୍ଗକୁ ଉକ୍ତ କଣ୍ଟେନରରେ ଗୋରୁ ବୋଝେଇ ହୋଇ ଯାଉଥିବା ବେଳେ ଗୋସୁରକ୍ଷା ବାହିନୀ କର୍ମକର୍ତ୍ତା ତାହାକୁ ଅଟକାଇ ଥିଲେ। ପରେ ଖନ୍ତାପଡ଼ା ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଥିଲା। ଜବତ ଗୋରୁଗୁଡ଼ିକୁ ରେମୁଣା ସ୍ଥିତ ବାମପଦାର ମା' ଭାରତୀ ଗୋ ସେବାକେନ୍ଦ୍ରରେ ରଖାଯାଇଛି ।

### ପିକ୍ଅପ୍ ଭ୍ୟାନ ଚାପାରେ ଯୁବକ ମୃତ

ରୂପ୍ସା/ବସ୍ତା।୧୮।୬(ଡି.ଏନ.ଏ.)- ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ ଦଣ୍ଡିକା ଛକ ନିକଟରେ ଶନିବାର ରାତିରେ ଏକ ପିକ୍ଅପ୍ ଭ୍ୟାନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ଦଣ୍ଡିକା ଗ୍ରାମର ସ୍ୱସ୍ତିକ ନାୟକ ଓ ଚନ୍ଦନ କୁମାର ନାୟକ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇ କଥା ହେଉଥିଲେ। ଏହି ସମୟରେ ଦ୍ରୁତଗତିରେ ପଛପଟୁ ଏକ ପିକଅପ ଭ୍ୟାନ ଆସି ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ସ୍ୱସ୍ତିକଙ୍କ ମୃତ୍ୟୁ ହୋଇଥିଲା। ଚନ୍ଦନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ବସ୍ତା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ତହସିଲଦାର କାର୍ତ୍ତିକ କୁମାର ଦାସ ପହଞ୍ଚି ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ।

### ବିଧାୟକ ସୁର ରାଉତରାୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାସୁଦେବପୁର, ୧୮।୬ (ଡି.ଏନ.ଏ.)- କଂଗ୍ରେସର ବରିଷ୍ଠ ନେତା ତଥା ଜଟଣୀ ବିଧାୟକ ସୁର ରାଉତରାୟଙ୍କୁ ଶନିବାର ବାସୁଦେବପୁରଠାରେ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ତାଙ୍କ ସହ ଆସିଥିବା ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀଙ୍କୁ ସ୍ୱାଗତ କରାଯାଇଥିଲା। ବାସୁଦେବପୁର କଂଗ୍ରେସ ନେତା ତଥା ପିସିସି ସାଧାରଣ ସମ୍ପାଦକ ଅଶୋକ ଦାସ, ନଗର ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକଙ୍କ ସହ ଯୁବ, ଛାତ୍ର କଂଗ୍ରେସର କର୍ମକର୍ତ୍ତା ଓ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ବାସୁଦେବପୁର ଡାକବଙ୍ଗଳାରେ କିଛି ସମୟ ପାଇଁ କଂଗ୍ରେସ ନେତୃମଣ୍ଡଳୀଙ୍କ ସହ ସେ ଆଲୋଚନା କରି ଧାମରା ଅଭିମୁଖେ ଯାଇଥିଲେ। ଅପରାହ୍ନରେ ବିଧାୟକ ରାଉତରାୟ ବାସୁଦେବପୁର ଚାନ୍ଦିମାଳଠାରେ କେକେଜିପି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ।

### ଔଷଧ ବ୍ୟବସାୟୀ ସଂଘର ବୈଠକ

ସୋର,୧୮।୬(ଡି.ଏନ.ଏ): ବାଲେଶ୍ୱର ଜିଲା ଔଷଧ ବ୍ୟବସାୟୀ ସଂଘ(କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ)ର ଏକ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ଅକ୍ଷୟ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହ ବୈଠକରେ କାର୍ଯ୍ୟକାରୀ କମିଟି ସଭ୍ୟ ମନୋନୟନ କରାଯାଇଥିଲା। ଏଥିରେ ଉପନିର୍ବାଚନ ଅଧିକାରୀ ଇନ୍ଦୁଭୂଷଣ ପାତ୍ର ଏବଂ ନିକୁଞ୍ଜ ମହାନ୍ତି ଯୋଗଦେଇ ସୋରରୁ ମନୋନୀତ ହୋଇଥିବା କାର୍ଯ୍ୟକାରୀ ସଦସ୍ୟ ବିଜୟ କୁମାର ପାତ୍ର ଓ ଦେବୀ ପ୍ରସାଦ ହୋତା, ସିମୁଳିଆରୁ କୈଳାସ ଚନ୍ଦ୍ର ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସୋର ଜୋନ୍‌ର ସମ୍ପାଦକ ପ୍ରଶାନ୍ତ କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଲଲାଟେନ୍ଦୁ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଅନନ୍ତପୁର, ସୋର, ସାଉଡ଼, କେଶରୀପୁର, ମାର୍କୋଣା, ଖଇରା, ଔପଦାର ଔଷଧ ବ୍ୟବସାୟୀମାନେ ଯୋଗଦେଇଥିଲେ। ସେହିପରି ଖନ୍ତାପଡ଼ାଠାରେ ଅକ୍ଷୟ କୁମାର ବେହେରାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରଜେନ୍ଦ୍ର କୁମାର ପଣ୍ଡା ସଭ୍ୟ ଭାବେ ମନୋନୀତ ହୋଇଥିଲେ। ଏହି ବୈଠକରେ ବାହାନଗା, ଗୋପାଳପୁର, ଖନ୍ତାପଡ଼ାର ଔଷଧ ବ୍ୟବସାୟୀମାନେ ଯୋଗଦେଇଥିଲେ।

# ସୀତାବିଞ୍ଜି ପର୍ଯ୍ୟଟନ କେନ୍ଦ୍ରର ହେବ ବିକାଶ

**କେନ୍ଦୁଝର, ୧୮।୬ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ଐତିହାସିକ ତଥା ପୌରାଣିକ ଇତିବୃତ୍ତି ସମୃଦ୍ଧ ଜାତୀତ ସ୍ତରୀୟ ସୀତାବିଞ୍ଜି ପର୍ଯ୍ୟଟନ କେନ୍ଦ୍ରର ଭିତ୍ତିଭୂମିର ବିକାଶ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ତେବେ ଏହାର ପାର୍କିଂ, ପାଲା ମଣ୍ଡପ, ସୁରକ୍ଷା ପାଚେରୀ ନିର୍ମାଣ ସହିତ ଜଳ ଯୋଗାଣ ଆଦି ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏନେଇ ବିଭାଗ ପକ୍ଷରୁ କେନ୍ଦୁଝର ଜିଲାପାଳଙ୍କୁ ପତ୍ର ସଂଖ୍ୟା ୫୧୫୭/୭।୬।୨୨ରେ ଚିଠିରେ ଜଣାଇଛନ୍ତି। ସୀତାବିଞ୍ଜିରେ ପାର୍କିଂ ୟାର୍ଡ ନିର୍ମାଣ ପାଇଁ ୧୩ ଲକ୍ଷ ୧୨ ହଜାର ୫୧୪ ଟଙ୍କା, ପାଲା ମଣ୍ଡପ ନିର୍ମାଣ ପାଇଁ ୩ ଲକ୍ଷ ୯୮ ହଜାର ୩୬୫ ଟଙ୍କା, ମା'ସୀତାଙ୍କ ମନ୍ଦିର ଚାରିପାଖରେ ସୁରକ୍ଷା ପାଚେରୀ ଓ କଲଭର୍ଟ ନିର୍ମାଣ ପାଇଁ ୭ ଲକ୍ଷ ୪୧ ହଜାର ୬୭୫ ଟଙ୍କା, ମା'ସୀତାଙ୍କ ମନ୍ଦିରକୁ ଜଳ ଯୋଗାଣ ପାଇଁ ୨ ଲକ୍ଷ ଟଙ୍କା ପ୍ରଶାସନିକ ଅନୁମୋଦନ ହୋଇଛି।

ତେବେ ଏହି ସ୍ଥାନର ଅଧିକ ବିକାଶ କରିବା ସହ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଅଧିକ ପଦକ୍ଷେପ ନିଆଯିବ ବୋଲି ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି । ଏଠାରେ ସୂଚନା ଯୋଗ୍ୟ, ସୀତା ନଦୀ କୂଳରେ ଏହି ମନୋରମ ସ୍ଥାନ ଅବସ୍ଥିତ। ଏଠାରେ ଶହ ଶହ ବର୍ଷର ପୁରୁଣା ପ୍ରସ୍ତର ଲେଖା ରହିଥିବାବେଳେ ଅର୍ଦ୍ଧବର୍ତ୍ତୁଳକାୟ ପଥରରେ ଥିବା ବହୁ ପୁରାତନ ଓ ପ୍ରସିଦ୍ଧ ରାବଣଛାୟା ତୈଳଚିତ୍ର ଦେଖିବା ପାଇଁ ବର୍ଷ ତମାମ ପର୍ଯ୍ୟଟକ ଆସିଥାନ୍ତି। ଏହି ସ୍ଥାନଟି ପୌରାଣିକ ଇତିବୃତ୍ତ ସମୃଦ୍ଧ ରାମାୟଣ ଯୁଗର ସହିତ ସମ୍ପର୍କ ଥିବା ନେଇ ଲୋକମତ ପାଇଁ ବେଶ ପ୍ରସିଦ୍ଧି ଲାଭ କରିଛି । ଏଠାରେ ବାଲ୍ମିକୀ ଆଶ୍ରମ, ଲବକୁଶଙ୍କ ଏନ୍ତୁଡ଼ିଶାଳ ରହିଛି। ଦସ୍ୟୁ ରତ୍ନାକରଙ୍କ ଭଣ୍ଡାରଘର ଆଦି ଦେଖିବାକୁ ଓ ଭୋଜିଭାତ କରିବାକୁ ଆସିଥାନ୍ତି । କୁହାଯାଏ ଏଠାରେ ମା' ସୀତାଙ୍କ ମନ୍ଦିରରେ ମାନସିକ କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି କଥିତ ଥିବାରୁ ବହୁ ଭକ୍ତ ଆସି ପୂଜାର୍ଚ୍ଚନା କରିଥାନ୍ତି। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଓ ପ୍ରଶାସନ ସହାୟତାରେ ଏହାର ରକ୍ଷଣାବେକ୍ଷଣ କରାଯାଉଛି। ସେହପରି ଏଠାରେ ଦସ୍ୟୁ ରତ୍ନାକର ତପସ୍ୟା କରି ବାଲ୍ମିକୀ ଋଷି ହୋଇଥିଲେ ବୋଲି ବିଶ୍ୱାସ କରାଯାଏ। କେନ୍ଦୁଝର ଠାରୁ ପ୍ରାୟ ୩୨ କି.ମି. ଦୂର ଘଟଗାଁ ବ୍ଲକର ଏହି ସ୍ଥାନଟି ଡାଙ୍ଗୁଆପଶି ନିକଟରେ ଅବସ୍ଥିତ । ବିଶାଳକାୟ ବିଭିନ୍ନ ଡିଜାଇନର ପଥର ଖଣ୍ଡ ଓ ପାହାଡ ପରିବେଷ୍ଟିତ ଏହି ସ୍ଥାନଟି ଜିଲାର ଅନ୍ୟ ଅଞ୍ଚଳଠାରୁ ସମ୍ପୂର୍ଣ୍ଣ ଅଲଗା ଲାଗିଥାଏ। ଏଠାରେ ରଜ ସମୟରେ ଦୀର୍ଘ ୫ରୁ ୭ ଦିନ ବ୍ୟାପୀ ମେଳା ବସେ ଯେଉଁଠିକୁ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଲୋକ ଆସିଥାନ୍ତି। ଏଣୁ ଏହାର ବିକାଶ ହେଲେ ବହୁ ଅଧିକ ସଂଖାରେ ପର୍ଯ୍ୟଟକ ଆସିବେ ଏବଂ ସ୍ଥାନୀୟ ଅଞ୍ଚଳର ବିକାଶ ହେବ ବୋଲି କୁହାଯାଉଛି।

# ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କଲେ ପୂର୍ବତନ ମନ୍ତ୍ରୀ



ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପିଲାମାନଙ୍କୁ ଫୁଲତୋଡା ଓ କଲମ ଦେଇ ସ୍ୱାଗତ କରୁଛନ୍ତି ।

**ଖଇରା, ୧୮।୬(ଡି.ଏନ.ଏ.)**

ଚଳିତ ଶିକ୍ଷାବର୍ଷଠାରୁ ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ଆଦର୍ଶ ବିଦ୍ୟାଳୟ ପାଇଁ ଛାତ୍ରୀଛାତ୍ର ଚୟନ କରାଯିବା ପରେ ଶୁକ୍ରବାରଠାରୁ ପାଠପଢା ଆରମ୍ଭ ହୋଇଛି। ନହଙ୍ଗ ହାଇସ୍କୁଲ ପରିସରରେ ପ୍ରବେଶ କରିଥିବା ୬୮ଜଣ ଛାତ୍ରୀଛାତ୍ରଙ୍କୁ ସିମୁଳିଆ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ବାଲେଶ୍ୱର ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଧରଣୀଧର ପାତ୍ର, ବିଡିଓ ପର୍ଶୁରାମ ପଣ୍ଡା, ବିଇଓ ଗୋଲକ ବିହାରୀ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଆଦର୍ଶ ବିଦ୍ୟାଳୟର ନୂତନ ଗୃହର କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଏହା ବର୍ତ୍ତମାନ ନହଙ୍ଗ ହାଇସ୍କୁଲରେ ଚଲାଇବାକୁ ଶିକ୍ଷାବିଭାଗ ନିଷ୍ପତ୍ତି ନେଇଥିଲା । ହେଲେ ନହଙ୍ଗରେ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଶୁକ୍ରବାର ବିଧାୟକଙ୍କ ସହ ଶିକ୍ଷାବିଭାଗର ଆଲୋଚନା ପରେ ଖଇରା ହାଇସ୍କୁଲରେ ବିଦ୍ୟାଳୟ ଚଲାଇବାକୁ ନିଷ୍ପତ୍ତି ନିଆଯାଇଛି।

# 'ସମସ୍ତଙ୍କୁ ଭଲପାଇବା ଛାତ୍ରୀଛାତ୍ରଙ୍କ ଲକ୍ଷ୍ୟ ହେଉ'

## କେକେଜିପି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ

**ବାସୁଦେବପୁର,୧୮।୬(ଡି.ଏନ.ଏ.)**

ବିଦ୍ୟାର୍ଥୀମାନେ ପରସ୍ପରକୁ ଭଲ ପାଇବା ଉଚିତ୍। ସମସ୍ତଙ୍କୁ ଭଲ ପାଇବା, ସମ୍ମାନ ଦେବା, ସ୍ୱୀକାର କରିବା ଛାତ୍ରୀଛାତ୍ରଙ୍କ ଲକ୍ଷ୍ୟ ହେବା ଉଚିତ ବୋଲି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ପଞ୍ଚାୟତ ଚାନ୍ଦିମାଳ କେକେଜିପି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ବୋଧନ ଦେଇଥିଲେ।

ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ଏହି ସମାରୋହକୁ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଆଧ୍ୟାତ୍ମିକ, ବୌଦ୍ଧିକ ଓ ସାମାଜିକ ବିକାଶ ହିଁ ଶିକ୍ଷାର ଲକ୍ଷ୍ୟ ବୋଲି କହିଥିଲେ। ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଅଧକ୍ଷ ରାମଚନ୍ଦ୍ର ପଲେଇ ମଞ୍ଚ ସଞ୍ଚାଳନ କରିଥିବା ବେଳେ ସୁବର୍ଣ୍ଣ ଜୟନ୍ତୀ କମିଟିର ଚେୟାରମ୍ୟାନ ଉଦୟ ନାଥ ନାୟକ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଜିତେନ୍ଦ୍ର ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପ୍ରଧାନଶିକ୍ଷକ ସନାତନ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସ୍ମରଣିକା 'ବାସନ୍ତିକା' ଉନ୍ମୋଚନ କରାଯାଇଛି। ସେହିପରି ବିଭିନ୍ନ ବ୍ୟକ୍ତି ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଗହଣରେ ସମାରୋହକୁ ଉଦ୍‌ଘାଟନ କରୁଛନ୍ତି।

# ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ଲାଗି ଚାଷୀ ମୃତ

## ବିଭାଗର ଅବହେଳାକୁ ଦାୟୀ କଲେ ପରିବାର ଲୋକେ

**ଭଦ୍ରକ ଅଫିସ, ୧୮।୬**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କାଉପୁର ପଞ୍ଚାୟତ ନାଲଗରା ଗ୍ରାମର ଚାଷୀ ସୁବାସ ସାହୁଙ୍କର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ସୁବାସ ବିଲରୁ କାମ ସାରି ଘରକୁ ଫେରୁଥିବା ବେଳେ ଜମିରେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାରକୁ ଅନ୍ଧାରରେ ଦେଖି ନ ପାରି ଚଢ଼ି ଯାଇଥିଲେ। ତାର ତାଙ୍କ ଦେହରେ ଗୁଡ଼ାଇ ହୋଇଯାଇଥିଲା। ତାଙ୍କ ପିଠିର କିଛି ଅଂଶ ଜଳି ଯାଇଥିବା ବେଳେ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଶନିବାର ସକାଳେ ଲୋକେ ଦେଖି ସୁବାସଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ବିଦ୍ୟୁତ୍ ବିଭାଗର ଅବହେଳା ପାଇଁ ସୁବାସଙ୍କ ଜୀବନ ଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪୫/୨୨) ରୁଜୁ କରିଛି।

# ଜଗା ଦର୍ଶନ ଲାଗି ପଦଯାତ୍ରାରେ ବୃଦ୍ଧ

**ବାଲେଶ୍ୱର ଅଫିସ,୧୮।୬**

ବାଲେଶ୍ୱର ଜିଲା ଔପଦା ବ୍ଲକ ସାନପାଟପୁର ଗାଁର ବୃଦ୍ଧ ସୁରେନ୍ଦ୍ର ମଣ୍ଡଳ ଚାଲି ଚାଲି ଜଗା ଦର୍ଶନ ପାଇଁ ବାହାରିଛନ୍ତି। ହାତରେ କିଛି ଲୁଗାପଟା ରଖିଥିବା ବ୍ୟାଗ୍, ସାହସ କହିଲେ ଖଣ୍ଡେ ବାଡ଼ି ବ୍ୟତୀତ ଆଉ କିଛି ନାହିଁ। ହେଲେ ମନରେ ଅଗାଢ଼ ଭକ୍ତି ନେଇ ପାଦରେ ଚାଲି ଚାଲି ପୁରୀ ଅଭିମୁଖେ ଆଗେଇ ଚାଲିଛନ୍ତି। ଶନିବାର ସନ୍ଧ୍ୟା ସୁଦ୍ଧା ଭଦ୍ରକ ପାରି ହୋଇ ଯାଜପୁର ପାଖାପାଖି ପହଞ୍ଚିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସୁରେନ୍ଦ୍ର ଦିନେ ମାନସିକ ରୋଗୀ ଭାବେ ଚିକିତ୍ସିତ ହେଉଥିଲେ। ବହୁ ସ୍ଥାନରେ ଚିକିତ୍ସିତ ହେବା ପରେ ଶେଷରେ ଜଗନ୍ନାଥଙ୍କ ନିକଟରେ ନିଜକୁ ସମର୍ପଣ କରି ସେ ଆରୋଗ୍ୟ ହୋଇଛନ୍ତି। ମିଛ ମାୟା ଦୁନିଆରେ କେତେଦିନ ଏ ଜୀବନ କିଏ ଅବା ଜାଣିଛି। ଫଳରେ ଶେଷ ସମୟରେ ଅନ୍ତତଃ କାଳିଆ ଠାକୁରଙ୍କ ସାନିଧ୍ୟ ଟିକେ ପାଇଲେ ମଣିଷ ଜନ୍ମରୁ ମୁକ୍ତି ମିଳିଯାଇପାରେ। ବାସ ଏତିକି ଆଶା ନେଇ ସେ ପୁରୀ ଯାଉଛନ୍ତି ବୋଲି ପ୍ରକାଶ କରିଛନ୍ତି। ତାଙ୍କର ଏ ଭକ୍ତି ଭାବକୁ ସାଧାରଣରେ ପ୍ରଶଂସା କରାଯାଇଛି।



ପଦଯାତ୍ରାରେ ପୁରୀ ଗସ୍ତରେ ଯାଉଥିବା ସୁରେନ୍ଦ୍ର ମଣ୍ଡଳ।

# ପ୍ରଫେଟ ମହମ୍ମଦଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟକୁ ମୁସଲିମ ଜମାତର ନିନ୍ଦା

**ଭଦ୍ରକ ଅଫିସ,୧୮।୬**

ପ୍ରଫେଟ ମହମ୍ମଦଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟକୁ ଭଦ୍ରକ ମୁସ୍‌ଲିମ ଜମାତ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଇସ୍‌ଲାମ ଧର୍ମକୁ ଆକ୍ଷେପ କରି କହିଥିବା ଦୁଇ ପ୍ରବକ୍ତାଙ୍କୁ ଗିରଫ ପାଇଁ ମୁସ୍‌ଲିମ ଜମାତ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି ହୋଇଛି। ମଦିନା ମଇଦାନ ପରିସରରେ ଜମାତର ସଭାପତି ହାଜୀ ଅବଦୁଲ ବାରୀଙ୍କ ସଭାପତିତ୍ୱରେ ଆହୁତ ଏହି ସମ୍ମିଳନୀରେ ବିବାଦୀୟ ମନ୍ତବ୍ୟ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲାପାଳଙ୍କ ମାଧ୍ୟମରେ ଜମାତ ପକ୍ଷରୁ ରାଷ୍ଟ୍ରପତିଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯାଇଛି। ଜମାତର କାର୍ଯ୍ୟକାରୀ ସଭାପତି ମହମ୍ମଦ ଜାକଉଲ୍ଲା, ସମ୍ପାଦକ ସେକ୍ ଏନାମ ମହମ୍ମଦ, ଯୁଗ୍ମ ସମ୍ପାଦକ ଅବଦୁଲ ମୁକିତ୍ ଖାନ, ଶେଖ୍ ସିରାଜୁଦ୍ଦିନ, ହାଜୀ ଅନୱର ହୋସେନ, ମୁସ୍ତାକ ଗୌହର, ମିଡିଆ ସେଲ୍ ସଂଯୋଜକ ଶେଖ ଅନୱର, ମିର୍ଜା ଏକ୍ରାମ ବେଗ, ଶେଖ ସମଦାନୀ, ଗୋଲାମ ମୋହିଉଦ୍ଦିନ, ମୁକ୍ତାର ଅହେମଦ ରସିଦ, ରେଜାଏ ରସୁଲ, ସବିର ଖାଁ, ହବିବୁଲ୍ଲା ଖାଁ, ଶେରଅଲ୍ଲୀ ଖାଁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଭଦ୍ରକ ମୁସ୍‌ଲିମ ଜମାତର କର୍ମକର୍ତ୍ତା।

# ଅଟକିଲା ନାବାଳିକା ବିବାହ

**ଖଇରା,୧୮।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବାଉଁଶଗଡ଼ିଆରେ ଜଣେ ନାବାଳିକା ବିବାହର ଅବ୍ୟବହିତ ପୂର୍ବରୁ ଖଇରା ସିଡିପିଓ ଓ ଚାଇଲ୍ଡ ଲାଇନର ସଦସ୍ୟମାନେ ବିବାହ ବନ୍ଦ କରିବାକୁ ସକ୍ଷମ ହୋଇଛନ୍ତି।ନ୍ ନାବାଳିକାଙ୍କ ମା' ୧୮ବର୍ଷ ପରେ ଝିଅର ବିବାହ କରାଇବା ଲାଗି ଲିଖିତ ପ୍ରତିଶ୍ରୁତି ଦେବା ପରେ ଅଧିକାରୀମାନେ ଫେରିଯାଇଛନ୍ତି। ରବିବାର ଜଣେ ୧୬ବର୍ଷୀୟ ନାବାଳିକାଙ୍କ ବିବାହ ପାଇଁ ସ୍ଥିର ହୋଇଥିଲା। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା । ଖଇରା ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ମଦନ ମୋହନ ବେହେରା ସୂଚନା ପାଇ ସିଡିପିଓ ରଞ୍ଜୁରାଣି ଦାସ ଓ ଖଇରା ପୋଲିସକୁ ଜଣାଇଥିଲେ । ଚାଇଲ୍ଡ ଲାଇନର ସଦସ୍ୟ ପଞ୍ଚାନନ ତ୍ରିପାଠୀ ଓ ତପସ୍ୱିନୀ ରାଉତ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଶନିବାର ଘଟଣାକୁସ୍ଥଳକୁ ଯାଇ ଏହି ବାହାଘରକୁ ବନ୍ଦ କରାଇଥିଲେ। ସିଡିପିଓ ଉପସ୍ଥିତ ଗ୍ରାମବାସୀଙ୍କୁ ଅଳ୍ପ ବୟସରେ ଝିଅ ବିବାହର ନକରାତ୍ମକ ଦିଗ ଉପରେ ସଚେତନ କରାଇଥିଲେ।

# ବିପର୍ଯ୍ୟୟ ପରିଚାଳନା ପାଇଁ ମକ୍‌ଡ୍ରିଲ

**ବିଶୋଇ,୧୮।୬ (ଡି.ଏନ. ଏ)**

ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ମକଡ୍ରିଲର ପ୍ରସ୍ତୁତି ଉପରେ ଏକ ବ୍ଲକସ୍ତରୀୟ ସମନ୍ୱୟ ବୈଠକ ସ୍ଥାନୀୟ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଶୋଇ ବ୍ଲକ ବିଡିଓ ଭାଗବତ ପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ବିଶୋଇ ବ୍ଲକ ଅଧ୍ୟକ୍ଷା ତୁଳସୀ ସିଂକ୍ରି ହାଁସଦା, ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ରାସ୍ତା ଓ ଜିଲା ଗୃହ ଖଣ୍ଡ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନନ୍ଦ ଦୁଲାଳ ଘଡେଇ, ୩୪ ନଂ ଜିଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ ୧୩ ଗୋଟି ପଞ୍ଚାୟତର ପିଆରଆଇ ମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଉପସ୍ଥିତ ଥିଲେ। ବିପର୍ଯ୍ୟୟ ସମୟରେ ନିଜକୁ ଓ ଅନ୍ୟକୁ କିପରି ରକ୍ଷା କରିବା ସହିତ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରାକ ମକଡ୍ରିଲର ଉଦ୍ଦେଶ୍ୟ ସମ୍ବନ୍ଧରେ ମଞ୍ଚାସୀନ ଅତିଥି ମାନେ ଆଲୋକପାତ କରିଥିଲେ। ପରେ ବିଶୋଇ ଅଗ୍ନିଶମ ବିଭାଗ ଦ୍ୱାରା ବିପର୍ଯ୍ୟୟ ପରିଚାଳନାରେ ବ୍ୟବହୃତ ପାୱାର ସୋ କଟର, ହାଇଡ୍ରୋଲିକ କମ୍ବୀ ଟୁଲ୍ସ, ଆସ୍କା ଟାୱାର ଲାଇଟ, ଲାଇଭ ବୟ ଲାଇଫ ଜ୍ୟାକେଟର କାର୍ଯ୍ୟର ପ୍ରଦର୍ଶନ କରାଯାଇଥିଲା। ବିଶୋଇ ଅଗ୍ନିଶମ ବିଭାଗର ଅଧିକାରୀଙ୍କ ନେତୃତ୍ୱରେ ସୁରେଶ ସେଠି, ବିଚିତ୍ର ସେଠି, ହିମାଂଶୁ ରାଉତରାୟ ପ୍ରମୁଖ ମକଡ୍ରିଲ ପ୍ରଦର୍ଶନ କରିଥିଲେ।

# ଅସରାଏ ବର୍ଷାରେ ରାସ୍ତାରେ ପାଣି

**ମୋରଡା,୧୮।୬ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ହଳଦୀପାଳ ପଞ୍ଚାୟତର ହଳଦୀପାଳ ଗ୍ରାମରେ ଅସରାଏ ବର୍ଷାରେ ରାସ୍ତାରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ଚାରି ଓ ପାଞ୍ଚ ନମ୍ବର ୱାର୍ଡ ରହିଥିବା ବେଳେ ନିତିଦିନିଆ ଯିବାଆସିବା ପାଇଁ କେବଳ ଏହି ଗୋଟିଏ ରାସ୍ତା। କିନ୍ତୁ ଏଯାଏ, ପ୍ରଶାସନର ଉକ୍ତ ରାସ୍ତା ଉପରେ ନଜର ପଡ଼ିନି। ଉକ୍ତ ରାସ୍ତାକୁ ବର୍ତ୍ତମାନ ସୁଦ୍ଧା କଂକ୍ରିଟ କରାଯାଇ ନାହିଁ କି ରାସ୍ତା କଡ଼ରେ ଡ୍ରେନେଜ ବ୍ୟବସ୍ଥା ମଧ୍ୟ କରାଯାଇ ନାହିଁ। ଫଳରେ ବର୍ଷା ହେଲେ ରାସ୍ତା ଉପରେ ଦୁଇ ଫୁଟ ବର୍ଷା ଜଳର ସୁଅ ଛୁଟେ। ତେଣୁ ଲୋକେ ଯାତାୟାତ କରିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ତେବେ ଏବାବଦରେ ପୂର୍ବରୁ ଜନସାଧାରଣ ମାନେ ଜନପ୍ରତିନିଧି ଓ ପ୍ରଶାସନର ଦୃଷ୍ଟିଗୋଚର କରାଇଥିଲେ ମଧ୍ୟ କୌଣସି କାରଣ ବଶତଃ ରାସ୍ତା କାର୍ଯ୍ୟ ହୋଇପାରୁ ନାହିଁ । ବେଳେ ବେଳେ ବର୍ଷା ହେଲେ ଉକ୍ତ ରାସ୍ତାରେ ବାଇକ ଯୋଗେ ଯିବାଆସିବା କରିବା ଜୀବନ ପ୍ରତି ବିପଦ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ତେଣୁ ଯଥାଶୀଘ୍ର ଉକ୍ତ ରାସ୍ତାକୁ କଂକ୍ରିଟ କରିବା ଓ ରାସ୍ତା କଡ଼ରେ ଡ୍ରେନେଜ ବ୍ୟବସ୍ଥା କରିବାକୁ ଜନସାଧାରଣ ଦାବି କରିଛନ୍ତି ।



ରାସ୍ତାରେ ପାଣି ଚାଲୁଛି।

# ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ବାଲିଆପାଳ, ୧୮।୬(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକର ବଳରାମପୁରଠାରେ ନବନିର୍ମିତ ହେଉଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସ୍ୱାଗତ କରାଯାଇଛି। ବିଦ୍ୟାଳୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ଏବେ ଏହି ବିଦ୍ୟାଳୟ ଅସ୍ଥାୟୀ ଭାବେ ସୁନାରୁଇ ହାଇସ୍କୁଲ ପରିସରରେ କାର୍ଯ୍ୟ ଚାଲିବ। ସେଥିପାଇଁ ଏହି ଉତ୍ସବ ସୁନାରୁଇ ହାଇସ୍କୁଲ ପରିସରରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବାଲିଆପାଳ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା, କବି କାଳିପଦ ପଣ୍ଡା, ପୂର୍ବତନ ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର ଅଣ୍ଡିଆ, ନିତ୍ୟାନନ୍ଦ ପାଣିଗ୍ରାହୀ, ବଳରାମପୁର ସରପଞ୍ଚ ଅରୁଣ ପାଣିଗ୍ରାହୀ, ମଧୁପୁରା ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।

# ପାଣିନଗର ଗାଁରେ ଜବରଦଖଲ ଉଚ୍ଛେଦ

**ରୂପସା,୧୮।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ତହସିଲ ଅନ୍ତର୍ଗତ ନଟାକଟା ପଞ୍ଚାୟତର ପାଣିନଗର ଗ୍ରାମରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ଗ୍ରାମରେ ଏକ ଗରିବ ପରିବାର ବାସ କରିବା ପାଇଁ ଅସୁବିଧାରେ ସମ୍ମୁଖୀନ ହେବାରୁ ଘର ସମ୍ମୁଖରେ ଥିବା ସରକାରୀ ଜାଗା ଦଖଲକରି ବସବାସ କରି ଆସୁଥିଲେ। ମାତ୍ର ବସ୍ତା ତହସିଲଦାର କାର୍ତ୍ତିକ କୁମାର ଦାସଙ୍କ ସୂଚନା ଅନୁଯାୟୀ ଗ୍ରାମରେ ଜାଗା ନ ଥିବାରୁ ସରକାରୀ ଯୋଜନାର ଏକ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ପାଇଁ ୩ ଡିସିମିଲ ଜାଗା ଠିକ୍ କରାଯାଇଥିଲା। ମାତ୍ର ଉକ୍ତ ୩ ଡିସିମିଲ ଯାଗାକୁ ପାଣିନଗର ଗ୍ରାମର ମନୋରଞ୍ଜନ ପାତ୍ର ଜବରଦଖଲ କରି ରଖିଥିଲେ। ଉକ୍ତ ଜାଗାକୁ ଖାଲି କରିବାକୁ ବସ୍ତା ତହସିଲ ପକ୍ଷରୁ ତାଙ୍କ ଉପରେ ଏକ ମାମଲା ରୁଜୁ କରାଯାଇଥିଲା ଏବଂ ଉଚ୍ଛେଦ ପାଇଁ ନୋଟିସ୍ ଜାରି କରାଯାଇଥିଲା। ଏଭିକେସନ ନୋଟିସ ବିରୋଧରେ ମନୋରଞ୍ଜନ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତେବେ ହାଇକୋର୍ଟ ନିର୍ଦ୍ଦେଶ ଅନୁଯାୟୀ ୨ ମାସ ଭିତରେ ସବକଲେକ୍ଟରଙ୍କ କୋର୍ଟରେ କେଶ କରିବା କଥା। ମାତ୍ର ୬ ମାସ ବିତିଯାଇଥିଲେ ମଧ୍ୟ ପାତ୍ର କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଶନିବାର ବସ୍ତା ତହସିଲଦାର ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ରହି ଜେସିବି ଲଗାଇ ଉକ୍ତ ଜାଗାରୁ ଜବରଦଖଲ ଉଚ୍ଛେଦ କରିଛନ୍ତି। ବସ୍ତା ଥାନା ଆଇଆଇସି ସୁବ୍ରତ କୁମାର ବେହେରା ସଦଳବଳେ ଉପସ୍ଥିତ ଥିଲେ। ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଉଛି।

